PRESS RELEASE

ODISHA POLICE
CRIME BRANCH
CRIMINAL INVESTIGATION DEPARTMENT

# CYBER OFFENDER JAYANTA KUMAR DAS CONVICTED

Odisha Crime Branch has secured conviction of cyber offender Jayanta Kumar Das of Satyanagar, Sidhamahabir Patna, Puri. The accused has been convicted u/s 292/465/469/500 IPC read with section 66C/67/67A of Information Technology (Amendment) Act, 2008. Hon'ble Court of SDJM, Puri has sentenced the accused to imprisonment of 6 (Six) years on consecutive terms and to pay a fine of ₹ 9000/-.

The case was originally registered in Baselisahi Police Station of Puri on a complaint of journalist Sri Biswajit Patnaik. The complainant had alleged that a fake profile was created in the name of his wife in a pornographic website called "desihunt.com" and various derogatory and obscene comments were posted in the website about his wife. Mischievously and deliberately, his telephone number was also uploaded because of which Sri Patnaik received a large number of obscene and unsolicited calls. The callers made derogatory comments about his wife and requested for wife-swapping. The FIR further alleged that the aforesaid illegal act was committed by Jayanta Kumar Das against whose illegal activities the complainant had made various newspaper publications as a journalist. It was also stated in the FIR that Jayanta Kumar Das was indulging in money lending and cheating of large number of innocent persons for which many criminal cases had been registered against him in various Police Stations of Puri district. Publication about his illegal activities and various criminal cases had infuriated Jayanta Kumar Das who resorted to an offence of cyber pornography against the wife of the complainant in order to take revenge.

The investigation of the case was taken over by State Crime Branch during August, 2012. Technical Investigation clearly revealed that fake e-mail

account in the name of the complainant and a fake profile in the name of his wife were created by Sri Jayanta Kumar Das. Investigation also clearly revealed that Jayanta Kumar Das was involved in at least in six serious criminal cases including attempt to murder and illegal use of arms which were charge sheeted against him by various Police Stations of Puri. Jayanta Kumar Das was accordingly arrested and remanded to jail custody for over a period of over one month. After due investigation, the case was charge sheeted against Jayanta Kumar Das during December, 2012 u/s 292/465/469/500 IPC read with 66C/67/67A of the Information Technology Act.

During the course of trial, prosecution produced 13 witnesses which included the Scientist of Central Forensic Science Laboratory (FSL), Kolkata. 55 documents were exhibited. On the basis of oral and documentary evidence, prosecution produced foolproof evidence against Jayanta Kumar Das for having committed acts of forgery, identity theft and cyber pornography . Hon'ble Court accepted the evidence and in a landmark judgement convicted accused Jayanta Kumar Das u/s 292/465/469/500 IPC read with section 66C/67/67A of Information Technology (Amendment) Act, 2008.

__________O__________

ପ୍ରେସ୍ ଇସ୍ତାହାର

## ଓଡିଶା ପୋଲିସ୍

## ଦଣ୍ଡବିଧି ତଦନ୍ତ ବିଭାଗ ଅପରାଧ ଶାଖା ଓଡିଶା କଟକ

## ସାଇବର ଅପରାଧି ଜୟନ୍ତ କୁମାର ଦାସ ଦୋଷୀ ସାବ୍ୟସ୍ତ

ଓଡିଶା କ୍ରାଇମ୍ ବ୍ରାଞ୍ଚ୍, ସାଇବର ଅପରାଧି ଜୟନ୍ତ କୁମାର ଦାସ, (ସତ୍ୟ ନଗର, ସିଦ୍ଧ ମହାବୀର ପାଟଣା, ପୁରୀ)ଙ୍କୁ ଦୋଷୀ ସାବ୍ୟସ୍ତ କରିବାକୁ ସକ୍ଷମ ହୋଇଛି । ଏହି ଅପରାଧି ଭାରତୀୟ ଦଣ୍ଡବିଧି ଆଇନ ଦଫା ୨୯୨/୪୬୫/୪୬୯/୫୦୦ ଏବଂ ଇନ୍‌ଫରମେସନ ଟେକ୍ନୋଲୋଜି (ଆମେଣ୍ଡମେଣ୍ଟ) ଆକଟ୍ ୨୦୦୮ ଧାରା ୬୬(ଗ) /୬୭/୬୭(କ) ଅନୁଯାୟୀ ଦଣ୍ଡିତ ହୋଇଛନ୍ତି ।

ମାନ୍ୟବର ଏସ୍.ଡି.ଜେ.ଏମ. ପୁରୀ ଆସାମୀଙ୍କୁ ୬ ବର୍ଷ କ୍ରମାଗତ ସର୍ତ୍ତ ମୂଳକ ଜେଲ୍ ଦଣ୍ଡରେ ଦଣ୍ଡିତ କରିବା ସହିତ ଟ୯୦୦୦ ଙ୍କା ଜରିମାନା ପ୍ରଦାନ କରିବାକୁ ଆଦେଶ କରିଛନ୍ତି ।

ମୂଳତଃ ଏହି ମାମଲାଟି ଶ୍ରୀ ବିଶ୍ୱଜିତ୍ ପଟ୍ଟନାୟକ, ସାମ୍ବାଦିକଙ୍କ ଅଭିଯୋଗ କ୍ରମେ ପୁରୀ, ବାଶେଳୀ ସାହି ଥାନାରେ ପଞ୍ଜିକରଣ ହୋଇଥିଲା । ଏତଲା କ୍ରମେ ଅଭିଯୋଗକାରୀ ଦର୍ଶାଇଥିଲେ ଯେ ତାଙ୍କ ସ୍ତ୍ରୀଙ୍କ ନାମରେ ଦେଶୀହଣ୍ଟ ନାମକ ଏକ ଅଶ୍ଳିଳ ୱେବସାଇଟ୍ ରେ ମିଥ୍ୟା ଓ ତୃଷ୍ଣକତା ପୂର୍ଣ୍ଣ ପ୍ରୋଫାଇଲ ଖୋଲାଯାଇ ସେଥିରେ ତାଙ୍କ ସ୍ତ୍ରୀଙ୍କ ସମ୍ବନ୍ଧରେ ବିଭିନ୍ନ ପ୍ରକାରର ଅଶ୍ଳିଳ ଓ ଅପମାନ ସୁଚକ ମନ୍ତବ୍ୟମାନ ନିଆଯାଇଥିଲା । ମନ୍ଦ ଅଭିପ୍ରାୟ ଓ ଉଦ୍ଦେଶ୍ୟ ମୂଳକ ଭାବେ ଶ୍ରୀ ପଟ୍ଟନାୟକଙ୍କ ଟେଲିଫୋନ ନମ୍ବରକୁ ସଂଯୁକ୍ତ କରାଯିବା ଦ୍ୱାରା ଅନେକ ଗୁଡିଏ ନମ୍ବରରୁ ଅଶ୍ଳିଳ ଓ ଅଭଦ୍ରୋଚିତ ତାଙ୍କ ପାଖକୁ କଲ୍ ଆସୁଥିଲା । ସେଥିରେ ତାଙ୍କ ସ୍ତ୍ରୀଙ୍କ ସମନ୍ଧରେ ଅପମାନ ସୁଚକ ଟିପ୍ପଣୀମାନ ଟେଲିଫୋନକାରୀ ଦେବା ସହିତ ସ୍ତ୍ରୀ ବଦଳ (Wife swapping) ପ୍ରସ୍ତାବ ପାଇଁ ଅନୁରୋଧ କରୁଥିଲେ । ଏତଲାରେ ପୁନଃ ଅଭିଯୋଗ କରାଯାଇଥିଲା ଯେ, ଜୟନ୍ତ କୁମାର ଦାସଙ୍କର ବେଆଇନ କାର୍ଯ୍ୟ ଉପରେ ସେ ଖବର କାଗଜରେ ଏକ ସାମ୍ବାଦିକ ଭାବରେ ଅନେକ ଗୁଡିଏ ଖବର ପରିବେଷଣ କରିଥିଲେ । ଏହାଛଡା ଜୟନ୍ତ କୁମାର ଦାସ ସୁଧ କାରବାର ଓ ଠକେଇରେ ସଂପୃକ୍ତ ଥାଇ ଅନେକ ନିରୀହ ଲୋକଙ୍କର ଧନ ଆତ୍ମସାତ କରିଥିବାରୁ ତାଙ୍କ ବିରୁଦ୍ଧରେ ପୁରୀ ଜିଲ୍ଲାର ବିଭିନ୍ନ ଥାନା ମାନଙ୍କରେ ବହୁ ମାମଲା ପଞ୍ଜିକରଣ ହୋଇଅଛି ।

ଜୟନ୍ତ କୁମାର ଦାସଙ୍କର ବେଆଇନ କାର୍ଯ୍ୟକଳାପ ଓ ଅନେକ ଗୁଡିଏ ଅପରାଧିକ ମାମଲା ସମ୍ବନ୍ଧରେ ସମ୍ବାଦପତ୍ର ମାନଙ୍କରେ ଖବର ପ୍ରକାଶିତ ହେବା ପରେ ସେ ପ୍ରତିଶୋଧ ପରାୟଣ ମନୋବୃତ୍ତି ନେଇ ଅଭିଯୋଗକାରୀଙ୍କ ସ୍ତ୍ରୀଙ୍କ ବିରୁଦ୍ଧରେ ଏହି ଭଳି ସାଇବର ଅଶ୍ଳୀଳ ଓ କାମୋଦ୍ଦିପକ ଅପରାଧ ମାନ କରିଥିଲେ ।

ଏହି ମାମଲାର ତଦନ୍ତଭାର ରାଜ୍ୟ କ୍ରାଇମ୍ ବ୍ରାଞ୍ଚ୍ ୨୦୧୨ ମସିହା ଅଗଷ୍ଟ ମାସରେ ଗ୍ରହଣ କରିଥିଲା । ବୈଷୟିକ ତଦନ୍ତରୁ ପ୍ରତ୍ୟୟମାନ ହୋଇଥିଲା ଯେ ଜୟନ୍ତ କୁମାର ଦାସ ଅଭିଯୋଗକାରୀଙ୍କ ନାମରେ ଏକ "E mail account" ଖୋଲିବା ସହିତ ତାଙ୍କ ସ୍ତ୍ରୀଙ୍କ ନାମରେ ଏକ ମିଥ୍ୟା ପ୍ରୋଫାଇଲ ଖୋଲିଥିଲେ । ତଦନ୍ତରୁ ସ୍ପଷ୍ଟ ଭାବରେ ଜଣାଗଲା ଯେ, ଜୟନ୍ତ କୁମାର ଦାସ ପୁରୀର ବିଭିନ୍ନ ଥାନା ମାନଙ୍କରେ ପାଖାପାଖି ଛଅ ଗୋଟି ସ୍ପର୍ଶକାତର ଅପରାଧ ଯଥା- ହତ୍ୟା ଉଦ୍ୟମ ଓ ବେଆଇନ ଅସ୍ତ୍ରଶସ୍ତ୍ର ବ୍ୟବହାର ଇତ୍ୟାଦିରେ ସଂଶ୍ଳିଷ୍ଟ ଥିବାରୁ ତାଙ୍କ ବିରୁଦ୍ଧରେ ଅଭିଯୋଗ ଫର୍ଦ୍ଦ ଦାଖଲ କରାଯାଇଥିଲା ।

ଏହି ମାମଲାରେ ଜୟନ୍ତ କୁମାର ଦାସଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯିବା ସହିତ ସେ ମାସାଧିକ କାଳ ଜେଲରେ ବନ୍ଦୀଥିଲେ । ତଦନ୍ତ ପରିସମାପ୍ତି ପରେ ୨୦୧୨ ମସିହା ଡିସେମ୍ବର ମାସରେ ଜୟନ୍ତ କୁମାର ଦାସଙ୍କ ବିରୁଦ୍ଧରେ ଭାରତୀୟ ଦଣ୍ଡବିଧି ଆଇନ ଦଫା ୨୯୨/୪୬୫/୪୬୯/୫୦୦ ଓ ଇନ୍‌ଫରମେସନ ଟେକ୍ନୋଲୋଜି ଆଇନରଧାରା ୬୬(ଗ)/୬୭/୬୭(କ)ରେ ଅଭିଯୋଗଫର୍ଦ୍ଦ ଦାଖଲ କରାଯାଇଥିଲା ।

ମାମଲାଟି କୋର୍ଟରେ ବିଚାର ସମୟରେ ରାଜ୍ୟ ସରକାରଙ୍କ ତରଫରୁ ୧୩ଜଣ ସାକ୍ଷୀ ସମେତ କେନ୍ଦ୍ରୀୟ ଅପରାଧ ବିଜ୍ଞାନଗାରର ଅପରାଧ ବିଜ୍ଞାନୀଙ୍କର ସାକ୍ଷ୍ୟ ଗ୍ରହଣ କରାଯାଇଥିଲା ଓ ୫୫ସଂଖ୍ୟକ ନଥି ପ୍ରଦର୍ଶିତ କରାଯାଇଥିଲା । ସାକ୍ଷୀ ମାନଙ୍କ ବୟାନ ତଥା ତଥ୍ୟଗତ ପ୍ରମାଣ ଭିତ୍ତିରେ ଆସାମୀ ଜୟନ୍ତ କୁମାର ଦାସଙ୍କ ଦ୍ୱାରା ଜାଲିୟାତି, ପରିଚୟ ଚୋରୀ (Identitiy theft ) ଓ ସାଇବର କାମ ପ୍ରକ୍ରିୟା ପ୍ରଦର୍ଶକ (Cyber Pornography) ଭଳି ଅପରାଧ ଘଟାଇ ଥିବାର ବଳିଷ୍ଠ ଓ ଦୃଢ଼ ପ୍ରମାଣ ମିଳିଥିଲା ।

ମାନ୍ୟବର ଅଦାଲତ ଉକ୍ତ ପ୍ରମାଣ ଭିତ୍ତିରେ ଏକ ଯୁଗାନ୍ତକାରୀ ରାୟ ପ୍ରଦାନ ପୂର୍ବକ ଆସାମୀ ଜୟନ୍ତ କୁମାର ଦାସଙ୍କୁ ଭାରତୀୟ ଦଣ୍ଡବିଧି ଆଇନ ୨୯୨/୪୬୫/୪୬୯/୫୦୦ ଓ ଇନ୍‌ଫରମେସନ୍ ଟେକ୍ନୋଲୋଜି ଆକଟ ୨୦୦୮ର ଧାରା ୬୬(ଗ)/୬୭/୬୭(କ)ରେ ଦୋଷୀ ସାବ୍ୟସ୍ତ କରି ଦଣ୍ଡିତ କରିଛନ୍ତି ।